# ଟିକିଏ ଅଧିକ ଦୃଢ଼ତା ଲୋଡ଼ା

ଏକ ସଂସଦୀୟ ଗଣତନ୍ତ୍ରରେ ମନ୍ତ୍ରିମଣ୍ଡଳରେ ଅଦଳବଦଳ କରିବାର ସମ୍ପୂର୍ଣ୍ଣ ସାମ୍ବିଧାନିକ ଅଧିକାର ପ୍ରଧାନମନ୍ତ୍ରୀଙ୍କର ରହିଛି । ସେ ଦୃଷ୍ଟିରୁ ଗତ ୨୬ ତାରିଖରେ ରାଷ୍ଟ୍ରମନ୍ତ୍ରୀ ଶ୍ରୀ କାମାକ୍ଷୀ ପ୍ରସାଦ ସିଂହଦେଓ ଓ ଶ୍ରୀ ଚନ୍ଦୁଲାଲ ଚନ୍ଦ୍ରକରଙ୍କର ମନ୍ତ୍ରିମଣ୍ଡଳରୁ ଅବ୍ୟାହତି ଏକ ସାଧାରଣ ଘଟଣା ହୋଇପାରେ । କିନ୍ତୁ ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି ପରିପ୍ରେକ୍ଷୀରେ ନିକଟ ଅତୀତର ଦଳ ଏବଂ ପ୍ରଶାସନରେ ଯେଉଁ ଉଲ୍ଲେଖନୀୟ ପରିବର୍ତ୍ତନ ଅଣାଯାଇଛି ସେ ଦୃଷ୍ଟିରୁ ଏ ଦୁଇ ମନ୍ତ୍ରୀଙ୍କର ଇସ୍ତଫାକୁ ସାଧାରଣ ଘଟଣା ବୋଲି କହିହେବ ନାହିଁ ।

ଶ୍ରୀ ସିଂହଦେଓ ଓ ଶ୍ରୀ ଚନ୍ଦ୍ରକରଙ୍କୁ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ହଠାତ୍ କାହିଁକି ବାଦ୍ ଦିଆଗଲା ସେ ବିଷୟରେ ସରକାର କିମ୍ବା କଂଗ୍ରେସ (ଆଇ) ଦଳ ପକ୍ଷରୁ କୌଣସି ନିର୍ଦ୍ଦିଷ୍ଟ ସୂଚନା ଦିଆ ନଯାଇଥିଲେ ମଧ୍ୟ ସେମାନଙ୍କୁ ଯେ ଦଳୀୟ ସଙ୍ଗଠନ କାର୍ଯ୍ୟରେ ବିନିଯୋଗ କରାଯିବ ଏ ବିଶ୍ୱାସ କରିବା ଅସ୍ୱାଭାବିକ ହେବ ନାହିଁ । କଂଗ୍ରେସ ଶତବାର୍ଷିକୀ ଉତ୍ସବ ଅବସରରେ ପ୍ରଧାନମନ୍ତ୍ରୀ ତଥା କଂଗ୍ରେସ ସଭାପତି ଶ୍ରୀ ରାଜୀବ ଗାନ୍ଧୀଙ୍କର ଅଭିଭାଷଣରୁ ସେ ଯେ କଂଗ୍ରେସ ଦଳକୁ ଏକ ନୂତନ ରୂପରେ ସଙ୍ଗଠିତ କରିବାକୁ ଚେଷ୍ଟା କରୁଛନ୍ତି ତାହାର ସ୍ପଷ୍ଟ ସୂଚନା ମିଳୁଥିଲା । ନିକଟ ଅତୀତରେ ଶ୍ରୀ ଅର୍ଜୁନ ସିଂହ, ଶ୍ରୀ ଅ ଷେୟା ଓ ଶ୍ରୀ ନୱଲ କିଶୋର ଶର୍ମାଙ୍କୁ ମନ୍ତ୍ରୀତ୍ୱର ଦାୟିତ୍ୱରୁ ଅବ୍ୟାହତି ଦେଇ ସଙ୍ଗଠନର ଉପସଭାପତି ଏବଂ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରିବା ଦ୍ୱାରା ଏହା ପ୍ରମାଣିତ ହୋଇଛି । ସେହି କାରଣରୁ ଯଦି ଶ୍ରୀ ସିଂହଦେଓ ଏବଂ ଶ୍ରୀ ଚନ୍ଦ୍ରକରଙ୍କୁ ଦଳୀୟ ସଙ୍ଗଠନରେ ବିନିଯୋଗ କରିବାର ନିଷ୍ପତ୍ତି ନିଆଯାଇଥାଏ, ଏ ବିଷୟରେ ସେପରି କୌଣସି ନିର୍ଦ୍ଦିଷ୍ଟ ସୂଚନା ଦିଆ ନ ଯିବା ଦଳ କିମ୍ବା ସରକାରଙ୍କ ପ୍ରତି ସହାୟକ ହେଉ ନାହିଁ ବରଂ ବହୁ ଭାବରେ ବିଭକ୍ତ ପ୍ରାଦେଶିକ ସଙ୍ଗଠନର ଗୋଷ୍ଠୀଗୁଡ଼ିକୁ ଏ ପ୍ରକାର ତରବରିଆ ଏବଂ ଅନିର୍ଦ୍ଦିଷ୍ଟ ପରିବର୍ତ୍ତନ ରାଜନୈତିକ ଆକାଶରେ କଳ୍ପନାଗୁଡ଼ି ଉଡ଼ାଇବା ପାଇଁ ଅଯଥାରେ ଉତ୍ସାହିତ କରୁଅଛି । ବିଶେଷ କରି ଓଡ଼ିଶାରେ କଂଗ୍ରେସ ଦଳର ସାଙ୍ଗଠନିକ ଦୁର୍ବଳତା କଥା ଉଣା ଅଧିକେ ସମସ୍ତଙ୍କୁ ଜଣା ଏବଂ ଏହି ପରିପ୍ରେକ୍ଷୀରେ ଶ୍ରୀ ସିଂହଦେଓଙ୍କ ଇସ୍ତଫା ଏବଂ ଦଳୀୟ ସଙ୍ଗଠନ ପାଇଁ ତାଙ୍କୁ ବିନିଯୋଗ କରିବାର ପ୍ରସ୍ତାବ ଗୋଷ୍ଠୀମତ ନିର୍ବିଶେଷରେ ଓଡ଼ିଶା କଂଗ୍ରେସରେ ସମସ୍ତଙ୍କର ସ୍ୱାଗତଯୋଗ୍ୟ ହେବ ।

ତେବେ ଏସବୁ ପରିବର୍ତ୍ତନ ବିଷୟରେ ଏତିକି କୁହାଯାଇ ପାରେ ଯେ, ଯଦି ପ୍ରକୃତରେ ପ୍ରଧାନମନ୍ତ୍ରୀ ଦଳୀୟ ସଙ୍ଗଠନକୁ ମଜବୁତ୍ କରିବା ପାଇଁ ଏହିସବୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥାଆନ୍ତି ତା'ହେଲେ ଏ ବିଷୟରେ ସ୍ଥିରଚିତ୍ତ ଓ ସ୍ଥିତପ୍ରଜ୍ଞ ଭାବେ ଏକ ନିର୍ଦ୍ଦିଷ୍ଟ ନିଷ୍ପତ୍ତି ନେଇ ତାକୁ ଦୃଢ଼ତାର ସହିତ କାର୍ଯ୍ୟକାରୀ କରିବା ଉଚିତ । କିନ୍ତୁ ଶ୍ରୀ ଅର୍ଜୁନ ସିଂହଙ୍କଠାରୁ ଆରମ୍ଭ କରି ବିଭିନ୍ନ ମନ୍ତ୍ରୀ ତଥା ଦଳୀୟ ସଙ୍ଗଠନମାନଙ୍କର ଦାୟିତ୍ୱରେ ମାତ୍ର ଅଳ୍ପ ଦିନର ବ୍ୟବଧାନରେ ଯେପରି ବାରମ୍ବାର ପରିବର୍ତ୍ତନ କରାଯାଇଅଛି ସେଥିରୁ ଏ ପ୍ରକାର ଦୃଢ଼ତାର ପରିଚୟ ମିଳୁନାହିଁ । ଶ୍ରୀଯୁକ୍ତ ପନ୍ତ ଗୋଟିଏ ନୂତନ ଶିକ୍ଷାନୀତି ପ୍ରଣୟନ କରିବା ପୂର୍ବରୁ ଏକ ଜାତୀୟ ବିତର୍କର ସୂତ୍ରପାତ କଲେ । ମାତ୍ର ସେ ବିତର୍କ ସମ୍ପୂର୍ଣ୍ଣ ନ ହେଉଣୁ ତାଙ୍କୁ ସେଥିରୁ ଅବ୍ୟାହତି ଦିଆଗଲା । ଶ୍ରୀଯୁକ୍ତ ଚନ୍ଦ୍ରକରଙ୍କୁ ଅଳ୍ପଦିନ ତଳେ ଦଳୀୟ ସଙ୍ଗଠନ ଦାୟିତ୍ୱରୁ ଆଣି ସରକାରୀ ଦାୟିତ୍ୱ ଦିଆଯାଇଥିଲା । ପୁଣି, ଏବେ ତାଙ୍କୁ ସଙ୍ଗଠନକୁ ଫେରାଇ ନିଆଯିବା କଥା ଚିନ୍ତା କରାଯାଉଛି । ସେହିପରି ଭାବେ ଶ୍ରୀଯୁକ୍ତ ନୱଲ କିଶୋର ଶର୍ମା ସଙ୍ଗଠନରୁ ଓହରି ମନ୍ତ୍ରୀତ୍ୱର ଦାୟିତ୍ୱ ନେଇଥିଲେ ଓ ପୁଣି ତାଙ୍କୁ ସଙ୍ଗଠନର ଦାୟିତ୍ୱ ଦିଆଯାଇଛି । ଶ୍ରୀଯୁକ୍ତ ସିଂହଦେଓ ରାଜୀବଙ୍କ ମନ୍ତ୍ରିମଣ୍ଡଳର ପ୍ରଶାସନିକ ସଂସ୍କାରର ନୂତନ ଆଭିମୁଖ୍ୟକୁ ଚରିତାର୍ଥ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କର ଘନିଷ୍ଠ ସହଯୋଗୀ ଭାବେ ଏକ ସ୍ୱତନ୍ତ୍ର ନୂତନ ବିଭାଗ ଦାୟିତ୍ୱରେ ରହିଥିଲେ । ଏହା ପୂରା ନ ହେଉଣୁ ତାଙ୍କୁ ଖାଦ୍ୟ ଓ ଯୋଗାଣ ବିଭାଗ ପରି ଏକ ମହତ୍ତ୍ୱପୂର୍ଣ୍ଣ ବିଭାଗର ସ୍ୱତନ୍ତ୍ର ଦାୟିତ୍ୱ ଦିଆଗଲା । ପୁଣି ଏବେ ତାଙ୍କୁ ସେଥିରୁ ଅବ୍ୟାହତି ଦେଇ ସଙ୍ଗଠନରେ ବିନିଯୋଗ କରାଯିବା କଥା କୁହାଯାଉ ଅଛି । ଏ ପ୍ରକାର ବାରମ୍ବାର ଦାୟିତ୍ୱ ପରିବର୍ତ୍ତନ ପ୍ରଶାସନିକ ଦକ୍ଷତା ପାଇଁ ସହାୟକ ହେଉନାହିଁ ।

ଭାରତର ପ୍ରଧାନମନ୍ତ୍ରୀ ଓ କଂଗ୍ରେସ ଦଳର ସଭାପତି ଭାବେ ଦଳ ଏବଂ ପ୍ରଶାସନରେ ସୁସମନ୍ୱୟ ଆଣିବା ଆଜି ରାଜୀବଙ୍କର ସବୁଠାରୁ ବଡ଼ ଦାୟିତ୍ୱ । ଅତୀତରେ ପ୍ରଧାନମନ୍ତ୍ରୀ ଓ କଂଗ୍ରେସ ସଭାପତିମାନେ ଏ ସମନ୍ୱୟ ଆଣିବାରେ ସଫଳ ହୋଇ ନାହାନ୍ତି । ମାତ୍ର ପନ୍ଦର ମାସର ସମସ୍ୟାବହୁଳ ନେତୃତ୍ୱ ଅବସରରେ ରାଜୀବ ଗାନ୍ଧୀ ଏ ମୂଳ ସମସ୍ୟାଟିର ସମାଧାନ କରିବା ପାଇଁ ଯେଉଁ ଉଦ୍ୟମ କରୁଛନ୍ତି ତାହା ବାସ୍ତବିକ ପ୍ରଶଂସନୀୟ । କେବଳ ଆବଶ୍ୟକ ଟିକିଏ ଅଧିକ ଦୃଢ଼ତା । ଆଜି ରାଜୀବ ଗାନ୍ଧୀ ପ୍ରଶାସନିକ ସଂସ୍କାର, ଦଳୀୟ ସଙ୍ଗଠନ ତଥା ନୂତନ ଭାରତ ଗଠନ ସବୁକିଛିର ପ୍ରତିଶ୍ରୁତି ହୋଇଥିବାବେଳେ ତାଙ୍କଠାରେ ଏ ଦୃଢ଼ତା ପ୍ରକାଶ ପାଇବା ସର୍ବାଦୌ ଆବଶ୍ୟକ ।

ସୌମ୍ୟରଞ୍ଜନ ପଟ୍ଟନାୟକ